# NATIONAL NEWS BULLETIN (ODIA)

## 07th January - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଭାରତ ଓ ଇସ୍ରାଏଲ୍ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ନେଇ ପ୍ରତିବଦ୍ଧତା ଦୋହରାଇଲେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ।

- ଚଳିତ ଆର୍ଥିକ ବର୍ଷରେ ଦେଶର ବାସ୍ତବ ଜି.ଡି.ପି. ହାର ୭ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ଆକଳନ ।

- ବ୍ୟାବସାୟିକ ଜୈବ ପିଚୁ ଉତ୍ପାଦନ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର ହେଲା ଭାରତ ।

— ବିଟୁମିନସ୍ କଂକ୍ରିଟ୍ ବିଛାଇବାରେ ୨ଟି ବିଶ୍ୱରେକର୍ଡ଼ ହାସଲ କଲା ଜାତୀୟ ରାଜପଥ ପ୍ରାଧିକରଣ ।

- ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ୭ ମହିଳାଙ୍କ ସମେତ ୨୬ ମାଓବାଦୀଙ୍କ ଆତ୍ମସମର୍ପଣ ।

ଏବଂ

- ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍‌ସ୍ ଓ ପୁରୁଷ ଡବଲ୍‌ସ ବର୍ଗରେ ଭାରତୀୟ ଖେଳାଳିଙ୍କ ସଫଳତା ।

## ଜି.ଡି.ପି. - ଗ୍ରୋଥ୍

୨୦୨୫-୨୬ ଆର୍ଥିକ ବର୍ଷରେ ବାସ୍ତବ ମୋଟ୍ ଘରୋଇ ଉତ୍ପାଦ-ଜି.ଡି.ପି. ୭ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି । ଗତ ଆର୍ଥିକ ବର୍ଷରେ ଏହି ହାର ୬ ଦଶମିକ ୫ ପ୍ରତିଶତ ଥିଲା । ମିଳିଥିବା ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ବାସ୍ତବ ଜି.ଡି.ପି. ୨୦୧ ଲକ୍ଷ କୋଟି ଟଙ୍କା ସ୍ତରରେ ପହଞ୍ଚିବାର ଆକଳନ କରାଯାଇଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଆକଳନ ୧୮୭ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରହିଥିଲା । ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି, ଆକଳନ କରାଯାଇଥିବା ବାସ୍ତବ ଅଭିବୃଦ୍ଧି ହାସଲ କରିବା ଦିଗରେ ସେବାକ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ବିଶେଷକରି ବାଣିଜ୍ୟ, ହୋଟେଲ୍, ପରିବହନ, ଯୋଗାଯୋଗ ଏବଂ ସେବା ସମ୍ପର୍କିତ ପ୍ରସାରଣ କ୍ଷେତ୍ର ଏହି ଆର୍ଥିକ ବର୍ଷରେ ୭ ଦଶମିକ ୫

ପ୍ରତିଶତ ଅଭିବୃଦ୍ଧି ହାସଲ କରିବାର ଆକଳନ କରାଯାଇଛି । ଏତଦ୍‌ବ୍ୟତୀତ ଉତ୍ପାଦନ ଓ ନିର୍ମାଣ କ୍ଷେତ୍ର ମଧ୍ୟ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାର ଆକଳନ କରାଯାଇଛି ବୋଲି ସରକାରୀଭାବେ କୁହାଯାଇଛି ।

## ପି.ଏମ୍. - ନେତାନ୍ୟାହୁ

ଭାରତ ଓ ଇସ୍ରାଏଲ୍ ରଣନୀତିକ ଭାଗିଦାରୀକୁ ଅଧକ ସଶକ୍ତ କରିବା ଉଦ୍ଦେଶ୍ୟରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ଆଜି ଫୋନ୍ ଯୋଗେ ଆଲୋଚନା କରିଛନ୍ତି । ଗଣତାନ୍ତ୍ରିକ ମୂଲ୍ୟବୋଧ, ଆପୋଷ ବିଶ୍ୱାସ ଏବଂ ଦୂରଦୃଷ୍ଟିସମ୍ପନ୍ନ ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ଏହି ଭାଗିଦାରୀକୁ କିଭଳି ଅଧିକ ସଶକ୍ତ କରାଯାଇପାରିବ, ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ମତ ବିନିମୟ କରିଛନ୍ତି । ସମସ୍ତ ପ୍ରକାର ସନ୍ତ୍ରାସବାଦ କାର୍ଯ୍ୟକଳାପ ପ୍ରତି ଉଭୟ ଦେଶ ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରିବା ସହିତ ଏହା ବିରୋଧରେ ଲଢ଼େଇ ଜାରି ରଖିବା ଦିଗରେ ଦୁଇ ନେତା ନିଜ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଏହି ଅବସରରେ ଦୁଇ ପ୍ରଧାନମନ୍ତ୍ରୀ ଇଂରାଜୀ ନବବର୍ଷର ଶୁଭେଚ୍ଛା ଆଦାନ ପ୍ରଦାନ କରିବା ସହିତ ଉଭୟ ଦେଶବାସୀଙ୍କର ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

# ଗଡ଼କରି - ବିଟୁମେନ୍

ବ୍ୟାବସାୟିକ ଭାବେ ଜୈବ ବିଟୁମେନ୍ ବା ଜୈବ ପିଚ୍ଚୁ ଉତ୍ପାଦନ କରିବାରେ ଭାରତ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି ବୋଲି ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ ସି.ଏସ୍.ଆଇ.ଆର୍. ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏହି ଐତିହାସିକ ସଫଳତା ହାସଲ କରିବା ଲାଗି ଶ୍ରୀ ଗଡ଼କରୀ ସି.ଏସ୍.ଆଇ.ଆର୍.କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ଶସ୍ୟ ଅବଶେଷ ପ୍ରଜ୍ୱଳନଦ୍ୱାରା ହେଉଥିବା ପ୍ରଦୂଷଣକୁ ଅନେକ ମାତ୍ରାରେ ହ୍ରାସ କରାଯାଇପାରିବ । ବିକଶିତ ଭାରତ-୨୦୪୭କୁ ସଫଳ କରିବା ଦିଗରେ ଜୈବ ବିଟୁମେନ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

***Voice (Gadkari)*** :..........

ଏହି ସମାରୋହରେ ଉଦ୍‌ବୋଧନ ଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଏହି ସଫଳତା ପରେ ଭାରତ ସ୍ୱଚ୍ଛ ଓ ସବୁଜ ରାଜପଥର ନୂତନ ଯୁଗରେ ପ୍ରବେଶ କରିଛି । ଏହି ପଦକ୍ଷେପ ମାଧ୍ୟମରେ ବର୍ଜ୍ୟବସ୍ତୁରୁ ସମ୍ବଳ ମିଶନକୁ ସହାୟତା ମିଳିବା ସହିତ ଆତ୍ମନିର୍ଭର ଭାରତ

ଦୃଷ୍ଟିକୋଣ ମଧ୍ୟ ସଫଳ ହୋଇପାରିବ ବୋଲି ଡକ୍ଟର ସିଂହ ମତବ୍ୟକ୍ତ କରିଛନ୍ତି ।

## ଏନ୍.ଏଚ୍.ଏ.ଆଇ.

୬ ଲେନ୍ ବିଶିଷ୍ଟ ବେଙ୍ଗାଲୁରୁ-କାଡାପ୍ପା-ବିଜୟୱାଡ଼ା ଅର୍ଥନୈତିକ କରିଡରର ଭାନାଭୋଲୁ-ଭାଙ୍କାରାକୁଣ୍ଟା ସେକ୍ସନରେ ବିଟୁମିନସ୍ କଂକ୍ରିଟ୍ ବିଛାଇବାରେ ଭାରତର ଜାତୀୟ ରଜପଥ ପ୍ରାଧିକରଣ - ଏନ୍.ଏଚ୍.ଏ.ଆଇ.' ଦୁଇଟି ବିଶ୍ୱରେକର୍ଡ଼ ହାସଲ କରିଛି । ୨୪ ଘଣ୍ଟା ମଧ୍ୟରେ ଏନ୍.ଏଚ୍.ଏ.ଆଇ. ୧୦ ହଜାରରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍‌ର ଏଭଳି କଂକ୍ରିଟ୍ ପ୍ରାୟ ୨୯ କିଲୋମିଟର ଦୀର୍ଘ ରାସ୍ତାରେ ବିଛାଇବାର ସଫଳତା ହାସଲ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏନ୍.ଏଚ୍.ଏ.ଆଇ. କହିଛି, ୩୩୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ବେଙ୍ଗାଲୁର-କାଡ଼ାପ୍ପା-ବିଜୟୱାଡ଼ା ଅର୍ଥନୈତିକ କରିଡର୍ ମାଧ୍ୟମରେ କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଆନ୍ତଃ ରାଜ୍ୟ ସଂଯୋଗୀକରଣ ଅଧିକ ସଶକ୍ତ ହୋଇପାରିବ । ଦୁଇ ରାଜ୍ୟ ମଧ୍ୟରେ ବାଣିଜ୍ୟ, ପର୍ଯ୍ୟଟନ, ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ କରାଯାଇପାରିବ । ଦେଶରେ ବିଶ୍ୱସ୍ତରୀୟ ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ କରିବା ସହିତ ଏକ୍ଷେତ୍ରରେ ନିଜର

କ୍ଷମତା ବୃଦ୍ଧି କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଏହାଦ୍ୱରା ପ୍ରତିଫଳିତ ହେଉଛି ବୋଲି ଏହି ପୋଷ୍ଟରେ କୁହାଯାଇଛି ।

## ଗୋୟଲ - ବ୍ରସେଲ୍‌ସ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଆସନ୍ତାକାଲିଠାରୁ ଦୁଇଦିନିଆ ବ୍ରସେଲ୍‌ସ ଗସ୍ତରେ ଯିବେ । ଏ ସମ୍ପର୍କରେ ସୂଚନା ଦେଇ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ନୂଆଦିଲ୍ଲୀ ଏବଂ ବ୍ରସେଲ୍‌ସ୍ ମଧ୍ୟରେ ଦୃଢ଼ କୂଟନୈତିକ ଏବଂ ରଣନୈତିକ ସମ୍ପର୍କକୁ ଶ୍ରୀ ଗୋୟଲଙ୍କ ଏହି ଗସ୍ତ ଗୁରୁତ୍ୱ ପ୍ରଦାନ କରୁଛି । ଭାରତ ଏବଂ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବା କ୍ଷେତ୍ରରେ ଶ୍ରୀ ଗୋୟଲଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବା ବିବେଚନା କରାଯାଉଛି । ଗସ୍ତ ଅବସରରେ ଶ୍ରୀ ଗୋୟଲ୍ ୟୁରୋପୀୟ ସଂଘର ବାଣିଜ୍ୟ ଓ ଅର୍ଥନୈତିକ ସୁରକ୍ଷା କମିଶନର ମାରୋସ୍ ସେଫ୍-କୋଭିକ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରଗତି ସ୍ପେଶାଲ୍ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ

ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ଅରୁଣାଚଳ ପ୍ରଦେଶର କାମେଙ୍ଗ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ ସମ୍ପର୍କରେ ।

୬୦୦ ମେଗାୱାଟ ବିଶିଷ୍ଟ ଏହି ଜଳ ବିଦ୍ୟୁତ୍ ପ୍ରକଳ୍ପଟି ଅରୁଣାଚଳ ପ୍ରଦେଶର ପୂର୍ବ-କାମେଙ୍ଗ ଜିଲ୍ଲାରେ ଅବସ୍ଥିତ । ଶକ୍ତି ମନ୍ତ୍ରଣାଳୟର ମାର୍ଗଦର୍ଶନରେ ଉତ୍ତର-ପୂର୍ବାଞ୍ଚଳ ବିଦ୍ୟୁତ୍‌ଶକ୍ତି ନିଗମ ଲିମିଟେଡ୍ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ତେବେ ପରିବେଶଗତ ମଞ୍ଜୁରି ତଥା ଅନ୍ୟ କେତେକ କାରଣରୁ ଏହାର କାର୍ଯ୍ୟକାରିତାରେ ବିଳମ୍ବ ଦେଖାଦେଇଥିଲା ।

୨୦୧୫ ଜୁନ୍ ୨୪ରେ ଅନୁଷ୍ଠିତ ପ୍ରଗତି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ' ଏହି ପ୍ରକଳ୍ପକୁ ସମ୍ପନ୍ନ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବା ସହିତ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ଲାଗି ଶକ୍ତି ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ । ୮ ହଜାର ୪୫୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ

ଏହି କାମେଙ୍ଗ ଜଳବିଦ୍ୟୁତ ପ୍ରକଳ୍ପ ୨୦୨୧ ମସିହା ଫେବୃୟାରୀ ୧୦ ତାରିଖରେ କାର୍ଯ୍ୟକ୍ଷମ ହୋଇଥିଲା । ଏହି ପ୍ରକଳ୍ପଦ୍ୱାରା ଅରୁଣାଚଳ ପ୍ରଦେଶ ଶକ୍ତିକ୍ଷେତ୍ରରେ ଆତ୍ମନିର୍ଭର ହେବା ସହିତ ବଳକା ଶକ୍ତି ରାଜ୍ୟ ଭାବେ ଉଭା ହୋଇଛି ।

## ଆଇ.ଆଇ.ସି.ଡି.ଇ.ଏମ୍.-୨୦୨୬

ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ସମ୍ପର୍କିତ ଭାରତ ଆନ୍ତର୍ଜାତିକ ସମ୍ମିଳନୀ - ଆଇ.ଆଇ.ସି.ଡି.ଇ.ଏମ୍.-୨୦୨୬ ଆସନ୍ତା ୨୧ ତାରିଖରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆରମ୍ଭ ହେବ । ଭାରତ ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ପ୍ରତିଷ୍ଠାନ-IIIDEM, ଭାରତର ନିର୍ବାଚନ ଆୟୋଗ ଏବଂ ଗଣତନ୍ତ୍ର ଓ ନିର୍ବାଚନ ସହାୟତା ଆନ୍ତର୍ଜାତିକ ପ୍ରତିଷ୍ଠାନର ମିଳିତ ଉଦ୍ୟମରେ ଏହି ତିନିଦିନିଆ ସମ୍ମିଳନୀ ଆୟୋଜିତ ହେଉଛି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ IIIDEMର ମହାନିର୍ଦ୍ଦେଶକ ରାକେଶ ବର୍ମା କହିଛନ୍ତି, ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, ‘ସମାବେଶୀ, ସ୍ଥାୟୀ, ସକ୍ରିୟ ଏବଂ ଶାନ୍ତିପୂର୍ଣ୍ଣ ବିଷୟ ଲାଗି ଗଣତନ୍ତ୍ର’ । ଏହି ଅବସରରେ ଶ୍ରୀ ବର୍ମା IICDEM-2026ର ଲୋଗୋ ଉନ୍ମୋଚନ କରିଛନ୍ତି । ଶ୍ରୀ ବର୍ମା ଆକାଶବାଣୀ ସମ୍ବାଦକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ

କହିଛନ୍ତି, ଏହି ସମ୍ମିଳନୀ ନିର୍ବାଚନ ପରିଚାଳନା ପ୍ରତିଷ୍ଠାନଗୁଡ଼ିକ ଲାଗି ଅନେକ ଗୁରୁତ୍ୱପୂର୍ଣ୍ଣ ।

***Voice (Rakesh Verma)*** **:.......**

## ଛତିଶଗଡ଼ - ନକ୍ସଲ୍

ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ୭ ମହିଳାଙ୍କ ସମେତ ୨୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ଲାଗି ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଏ ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ କିରଣ ଚୌହାନ୍ କହିଛନ୍ତି, ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ଘଟିଥିବା ଅନେକ ହିଂସାତ୍ମକ କାର୍ଯ୍ୟକଳାପରେ ଏହି ମାଓବାଦୀଙ୍କର ସମ୍ପୃକ୍ତି ରହିଥିଲା । ସରକାରଙ୍କ ପୁନଃ ଥଇଥାନ ନୀତିରେ ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରୁଛନ୍ତି । ସରକାରଙ୍କ ଯୋଜନା ଅନୁଯାୟୀ ଆତ୍ମସମର୍ପଣ କରିଥିବା ପ୍ରତ୍ୟେକ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ଏସ୍.ପି. କହିଛନ୍ତି ।

# ମାଲେସିଆ - ଓପନ୍

ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପି.ଭି. ସିନ୍ଧୁ ମାଲେସିଆ ଓପନ୍ ସୁପର - 1000 ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍‌ସ୍ ବର୍ଗର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ସିନ୍ଧୁ' ଚାଇନିଜ୍ ତାଇପେଇର ସୁଙ୍ଗ୍ ଶୁଓ ୟୁନ୍'ଙ୍କୁ ୨୧-୧୩, ୨୨-୨୦୍‌ରେ ପରାସ୍ତ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ସିନ୍ଧୁ ଜାପାନର ଟୋମୋକା ମିଁୟାଜାକିଙ୍କୁ ଭେଟିବେ ।

ପୁରୁଷ ଡବଲ୍‌ସ ବର୍ଗରେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ଯୋଡ଼ି ଚାଇନିଜ୍ ତାଇପେଇର ୟାଙ୍ଗ ପୋ ସୁଆଙ୍ଗ୍ ଏବଂ ଲି ଝେ-ହୁଏ ଯୋଡ଼ିକୁ ୨୧-୧୩, ୨୧-୧୫ରେ ପରାସ୍ତ କରିଛନ୍ତି ।

*****